# NATIONAL NEWS BULLETIN (ODIA)

## 11 July - 2026

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ନ୍ୟୁଜିଲାଣ୍ଡକୁ ଦୁଇଦିନିଆ ଗସ୍ତ ଶେଷ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଛନ୍ତି ପ୍ରଧାନମନ୍ତ୍ରୀ

– ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ

- ସମ୍ବିଧାନ ପ୍ରତି ଅଙ୍ଗୀକାରବଦ୍ଧତା ଏବଂ ଜନମଙ୍ଗଳକୁ ପ୍ରାଧାନ୍ୟ ଦେବା ଉପରେ ଗୁରୁତ୍ୱ ଦେଲେ ଉପରାଷ୍ଟ୍ରପତି
- ଭିଏତନାମରେ ଏକ ଦ୍ରୁତଗାମୀ ନୌକା ବୁଡ଼ିଯିବା ଫଳରେ ୧୫ ଜଣ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ
- ଶିକ୍ଷା ସହିତ ଜନସାଧାରଣଙ୍କ ମଧ୍ୟରେ ସଂସ୍କୃତି ଓ ଜ୍ଞାନର ପ୍ରସାର ପାଇଁ ପାଠାଗାର ଏକ ଶକ୍ତିଶାଳୀ ମାଧ୍ୟମ; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

ଏବଂ

- ଭାରତ–ଇଂଲଣ୍ଡ ପୁରୁଷ ଟି-ଟ୍ୱେଣ୍ଟି ସିରିଜ୍‌ର ପଞ୍ଚମ ତଥା ଶେଷ ମ୍ୟାଚ୍ ବିଳମ୍ବିତ

# ପିଏମ୍– ଭିଜିଟ୍ କନକ୍ଲୁଡେଡ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନିଆ ନ୍ୟୁଜିଲାଣ୍ଡ ଗସ୍ତ ଶେଷ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଚାରି ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ନ୍ୟୁଜିଲାଣ୍ଡ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିଛି। ଗସ୍ତ ଅବସରରେ ଶ୍ରୀ ମୋଦୀ ନ୍ୟୁଜିଲାଣ୍ଡ ପ୍ରତିପକ୍ଷ କ୍ରିଷ୍ଟୋଫର ଲକସନ୍‌ଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ପ୍ରତିରକ୍ଷା, ପର୍ଯ୍ୟଟନ, କ୍ରୀଡ଼ା, ବିପର୍ଯ୍ୟୟ ପରିଚାଳନା, ଦୁଗ୍ଧ ଏବଂ ପଶୁପାଳନ ଆଦି ବିଭିନ୍ନ କ୍ଷେତ୍ରରେ ୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଅକ୍‌ଲ୍ୟାଣ୍ଡର ସ୍ପାର୍କ ଆରେନାଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରବାସୀ ଭାରତୀୟଙ୍କ ସମାବେଶକୁ ସମ୍ବୋଧନ କରିଥିଲେ। ନ୍ୟୁଜିଲାଣ୍ଡର ପ୍ରଗତିରେ ଭାରତୀୟ ସମ୍ପ୍ରଦାୟଙ୍କ ଅବଦାନକୁ ଶ୍ରୀ ମୋଦୀ ଉଚ୍ଚ ପ୍ରଶଂସା କରିଥିଲେ। ଅକ୍‌ଲ୍ୟାଣ୍ଡରୁ ୱେଲିଂଟନ ଏବଂ କ୍ରାଷ୍ଟଚର୍ଚ୍ଚରୁ କୁଇନ୍ସଟାଉନ୍ ପର୍ଯ୍ୟନ୍ତ ଭାରତୀୟ ସମ୍ପ୍ରଦାୟ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପ୍ରଦାନ କରୁଛନ୍ତି। ନିରନ୍ତର ବନ୍ଧୁତା, ସାଧାରଣ ମୂଲ୍ୟବୋଧ, ଦ୍ୱିପାକ୍ଷିକ ସହଭାଗିତା ଏବଂ ଭବିଷ୍ୟତ ସମ୍ପର୍କରେ ନୂତନ

ମାର୍ଗଉନ୍ମୁକ୍ତ ନେଇ ଉଭୟ ଦେଶ ଅଙ୍ଗୀକାରବଦ୍ଧତା ପ୍ରକାଶ କରିଥିବା ଶ୍ରୀ ମୋଦୀ କହିଛନ୍ତି । **VO-PM**

ସମାବେଶରେ ଯୋଗଦେଇ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରୀଷ୍ଟୋଫର ଲକସନ୍ ଦ୍ୱିପାକ୍ଷିକ ରଣନୈତିକ ଏବଂ ଆର୍ଥିକ ସହଭାଗିତା ଉପରେ ଆଲୋକପାତ କରିଥିଲେ । ଭାରତ–ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରେ ନ୍ୟୁଜିଲାଣ୍ଡର ବ୍ୟବସାୟୀଙ୍କ ପାଇଁ ୧୪୦ କୋଟି ଲୋକଙ୍କର ଏକ ବଜାର କ୍ଷେତ୍ର ଉନ୍ମୁକ୍ତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ଲକସନ୍ କହିଛନ୍ତି । ଉଭୟ ଦେଶର ବ୍ୟବସାୟିକ କ୍ଷେତ୍ର ପ୍ରତି ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାର୍ଯ୍ୟକ୍ରମରେ ୧୦ ହଜାରରୁ ଅଧିକ ପ୍ରବାସୀ ଭାରତୀୟ ଯୋଗଦେବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ନ୍ୟୁଜିଲାଣ୍ଡ ଗସ୍ତ ପୂର୍ବରୁ ଶ୍ରୀ ମୋଦୀ ଇଣ୍ଡୋନେସିଆ ଏବଂ ଅଷ୍ଟ୍ରେଲିଆକୁ ଗସ୍ତ ଶେଷ କରିଥିଲେ ।

# ଭିପି–ଗୟା

ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ କହିଛନ୍ତି, ଗଣତନ୍ତ୍ରରେ ଭିନ୍ନମତ ରହିବା ସ୍ୱାଭାବିକ' ହେଲେ ସମ୍ବିଧାନ ପ୍ରତି ପ୍ରତିବଦ୍ଧତା ଏବଂ ଜନମଙ୍ଗଳକୁ ପ୍ରାଧାନ୍ୟ ଦିଆଯିବା ଉଚିତ । ବିହାରର ଗୟାଠାରେ ୧୮ତମ ବିହାର ବିଧାନସଭାର ସଦସ୍ୟଙ୍କୁ ନେଇ ଆୟୋଜିତ ଦୁଇଦିନିଆ ଓରିଏନ୍‌ଟେସନ୍

ଏବଂ ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ଉପରାଷ୍ଟ୍ରପତି ଏହା କହିଛନ୍ତି। ଏଭଳି ଶିବିର ଆୟୋଜନ ଫଳରେ ଗଣତନ୍ତ୍ର ମଜଭୁତ ହେବା ସହ ସମ୍ବିଧାନ ପ୍ରତି ନିର୍ବାଚିତ ସଦସ୍ୟମାନଙ୍କର ଦାୟିତ୍ୱବୋଧ ବୃଦ୍ଧି ପାଇବ। ଉପରାଷ୍ଟ୍ରପତି ଆହୁରି କହିଛନ୍ତି, ଭାରତୀୟ ଗଣତନ୍ତ୍ର ଯାତ୍ରା ପଥରେ ବିହାରର ବିଧାନସଭା ସଦସ୍ୟମାନଙ୍କର କାର୍ଯ୍ୟକଳାପ ମାର୍ଗଦର୍ଶକଭାବେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବିଧାନସଭାର ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ଉପରାଷ୍ଟ୍ରପତି ରାଜ୍ୟରେ ନିଯୁକ୍ତି ସୁଯୋଗ, ସର୍ବାଙ୍ଗୀନ ବିକାଶ, ଦାଦନ ଶ୍ରମିକମାନଙ୍କ ପ୍ରତି ନୂତନ କାର୍ଯ୍ୟକ୍ରମ ଗ୍ରହଣ କରି ନିଜ ରାଜ୍ୟକୁ ଫେରାଇ ଆଣିବାର କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଛନ୍ତି। ବିଧାନସଭା ପରିଚାଳିତ ହେଉଥିବା ସମୟରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକାଳ, ଶୂନ୍ୟକାଳ ଏବଂ ବ୍ୟବସାୟିକ ଉପଦେଷ୍ଟା କମିଟିର କାର୍ଯ୍ୟକୁ ସଠିକ ଓ ଫଳପ୍ରଦ ଭାବରେ  କାର୍ଯ୍ୟ କରିବାକୁ ସଦସ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି। ଉପରାଷ୍ଟ୍ରପତି ଏହି କାର୍ଯ୍ୟକ୍ରମ ଅବସରରେ କୃତ୍ରିମ ବୁଦ୍ଧିମତା, ସହଜାତ ଭାଷା ପ୍ରକ୍ରିୟା ଏବଂ ଡିଜିଟାଲ ମାଧ୍ୟମରେ ବିଧାନସଭାର କାର୍ଯ୍ୟ ଅତ୍ୟନ୍ତ ବଳିଷ୍ଠ, ସ୍ୱଚ୍ଛ ଏବଂ ନାଗରିକ କୈନ୍ଦ୍ରିକ ହେବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

କାର୍ଯ୍ୟକ୍ରମରେ ଉପରାଜ୍ୟପାଳ ସୟେଦ ଅତା ହସନିନ୍ ଏବଂ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଉଦ୍‌ବୋଧନ ଦେଇଛନ୍ତି। ବିହାର

ବିଧାନସଭାର ନିର୍ବାଚିତ ସଦସ୍ୟମାନଙ୍କ ସହ ପରିଚିତ ହେବା ଏବଂ ସଂସଦୀୟ ବିଧିବ୍ୟବସ୍ଥାରେ ଥିବା ନିୟମକୁ ଅନୁସରଣ କରିବା ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ।

# ଭିଏତନାମ ବୋଟ୍ କ୍ୟାପସାଇଜ୍

ଭିଏତନାମର ଫୁ କ୍ୱକ୍ ଦ୍ୱୀପ ନିକଟରେ ଭାରତୀୟ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ଦ୍ରୁତଗାମୀ ଯନ୍ତ୍ରଚାଳିତ ନୌକା ବୁଡ଼ିଯିବା ଫଳରେ ୧୫ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି। ୨୧ ଜଣ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ଏହି ନୌକାରେ ୩୨ ଜଣ ଭାରତୀୟ ପର୍ଯ୍ୟଟକ ଏବଂ ୪ ଜଣ ନୌକା କର୍ମଚାରୀ ହନ୍ ମେ ରୁଟ୍ ଅନ୍‌ଗୋଇ ଦ୍ୱୀପର ୪୦୦ ମିଟର ଦୂରତାରେ ଏହି ଦୁର୍ଘଟଣା ଘଟିଥିଲା।  ହା ନୋଇ'ଠାରେ ଥିବା ଭାରତୀୟ ଦୂତାବାସର ଅଧିକାରୀ କହିଛନ୍ତି, ତଲାସୀ ଏବଂ ଉଦ୍ଧାର କାର୍ଯ୍ୟ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ରହିଛି। ଏ ସମ୍ବନ୍ଧୀୟ ସୂଚନା ଏବଂ ସହାୟତା ନିମନ୍ତେ ଏକ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ହୋ ଚି ମିନ୍ ସହରରେ ଖୋଲାଯିବା ହେଲ୍‌ପ ଲାଇନ୍ ନମ୍ବର ଜାରି କରାଯାଇଛି।

ଏହି ଦୁଃଖଦ ଘଟଣାରେ ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଭିଏତନାମରେ

ଥିବା ଭାରତୀୟ ଦୂତାବାସ ଏବଂ ବାଣିଜ୍ୟ ଦୂତାବାସ ପକ୍ଷରୁ ସମସ୍ତ ପ୍ରକାର ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯାଉଛି ।

## ଶାହା-ଜୟପ୍ରକାଶ ନାରାୟଣ ଲାଇବ୍ରେରୀ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପାଠାଗାର ସହ ଯୋଡ଼ି ହେବାକୁ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ଆଜି ଜୟପ୍ରକାଶ ନାରାୟଣ ପବ୍ଲିକ ଲାଇବ୍ରେରୀ ଉଦ୍‌ଘାଟନ କରି ଶ୍ରୀ ଶାହା ବ୍ୟକ୍ତିତ୍ୱ ଗଠନରେ ପାଠାଗାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଛନ୍ତି । ଆଧୁନିକ ଶିକ୍ଷା ସହିତ ଜନସାଧାରଣଙ୍କ ମଧ୍ୟରେ ସଂସ୍କୃତି ଓ ଜ୍ଞାନ ପ୍ରସାର ପାଇଁ ପାଠାଗାର ଏକ ଶକ୍ତିଶାଳୀ ମାଧ୍ୟମ ବୋଲି ଶ୍ରୀ ଶାହା ବର୍ଣ୍ଣନା କରିଛନ୍ତି । ପାଠପଢ଼ାକୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ସରକାର ବିଦ୍ୟାଳୟ ସହିତ ପାଠାଗାରଗୁଡ଼ିକୁ ସଂଯୋଗ କରିବାକୁ ପ୍ରୟାସ କରୁଛନ୍ତି । ଏ ସମ୍ପର୍କରେ ଅଧିକ ସୂଚନା ପ୍ରଦାନ କରି ଶ୍ରୀ ଶାହା ଗାନ୍ଧୀନଗର ଲୋକସଭା ନିର୍ବାଚନମଣ୍ଡଳୀ ଉପରେ ଆଲୋକପାତ କରିଛନ୍ତି । ସେଠାରେ ପ୍ରତ୍ୟେକ ଗାଁରେ ପାଠାଗାର ଖୋଲାଯାଇଛି ଏବଂ ପ୍ରତି ପାଠାଗାରରେ ପାଖାପାଖି ୪ ହଜାର ପୁସ୍ତକ ରହିଛି ବୋଲି ଶ୍ରୀ ଶାହା ଉଲ୍ଲେଖ କରିଛନ୍ତି । ଏହି ପାଠାଗାରଗୁଡ଼ିକୁ କେନ୍ଦ୍ରୀୟ ପାଠାଗାର ସହିତ ସଂଯୁକ୍ତ କରାଯାଇଛି । କାରଣ କେନ୍ଦ୍ରୀୟ ପାଠାଗାରରେ ୧ ଲକ୍ଷ ୨୫ ହଜାରରୁ ଅଧିକ ପୁସ୍ତକ ଉପଲବ୍ଧ ଅଛି । ଜୟପ୍ରକାଶ ନାରାୟଣ ପବ୍ଲିକ ଲାଇବ୍ରେରୀରେ ୩୨ ହଜାରରୁ ଅଧିକ ପୁସ୍ତକ ରହିଛି । ଏଥିସହ ସେଠାରେ ଏକ ଆଧୁନିକ

ବହୁମୁଖୀ ପ୍ରେକ୍ଷାଳୟ, ଗବେଷଣା କେନ୍ଦ୍ର ଏବଂ ୧ କୋଟିରୁ ଅଧିକ ଅନଲାଇନ ପୁସ୍ତକ ଥିବା ଇ–ଲାଇବ୍ରେରୀର ମଧ୍ୟ ସୁବିଧା ରହିଛି। ଶ୍ରୀ ଶାହା କହିଛନ୍ତି, ପାଠାଗାରରେ ନିଶୁଳ୍କ ୱାଇଫାଇ ବ୍ୟବସ୍ଥା ମଧ୍ୟ ଉପଲବ୍ଧ ରହିଛି। ଏହି ଅବସରରେ ଶ୍ରୀ ଶାହା ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଛନ୍ତି।

## ଗୋଆ- ୱାନ ନେସନ୍ ୱାନ୍ ଇଲେକସନ୍

ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ଏକକାଳୀନ ନିର୍ବାଚନ' ଏ ସଂକ୍ରାନ୍ତ ପରିଚାଳନାଗତ ବ୍ୟବସ୍ଥାକୁ  ଅଧିକ ସଶକ୍ତ କରିବ ବୋଲି 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ଆଧାରିତ ମିଳିତ ସଂସଦୀୟ କମିଟି ଅଧ୍ୟକ୍ଷ ସାଂସଦ ପି.ପି. ଚୌଧୁରୀ କହିଛନ୍ତି। ଗୋଆଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧନ କରି ଶ୍ରୀ ଚୌଧୁରୀ କହିଛନ୍ତି, ଏଭଳି ପଦକ୍ଷେପ ଖର୍ଚ୍ଚ ହ୍ରାସ କରିବା ସହ ଦେଶର ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବ। ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧିତ୍ୱ କରୁଥିବା  ଏହି ୪୧ ଜଣିଆ ମିଳିତ ସଂସଦୀୟ କମିଟି ସରକାର, ରାଜନୈତିକ ଦଳ, ସାମ୍ବିଧାନିକ ବିଶେଷଜ୍ଞ, ନାଗରିକ ସମାଜ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କଠାରୁ ମତାମତ ସଂଗ୍ରହ କରୁଛନ୍ତି।  ଗୋଆ ଗସ୍ତ ପୂର୍ବରୁ କମିଟି ଅନ୍ୟ ୮ଟି ରାଜ୍ୟ ଗସ୍ତ କରିସାରିଥିବା ଶ୍ରୀ ଚୌଧୁରୀ ସୂଚନା ଦେଇଛନ୍ତି। କମିଟି ଏହାର ରିପୋର୍ଟ ଦାଖଲ କରିବା ପୂର୍ବରୁ ଦେଶର ବିଭିନ୍ନ ପ୍ରାନ୍ତ ତଥା ସମାଜର ବିଭିନ୍ନ

ବର୍ଗରୁ ପ୍ରାପ୍ତ ପରାମର୍ଶଗୁଡ଼ିକୁ ବିଚାର କରିବ ବୋଲି ଶ୍ରୀ ଚୌଧୁରୀ କହିଛନ୍ତି।

# ବୈଷ୍ଣବ–ମେଧା କୋଚ ଫ୍ୟାକ୍ଟ୍ରି

ତେଲଙ୍ଗାନାର ସଂଗାରେଡ୍ଡୀ ଜିଲ୍ଲା ଉପକଣ୍ଠସ୍ଥିତ ନନ୍ଦିଗାମା ଅଞ୍ଚଳର ମେଧା ରେଳକୋଚ୍ ଉତ୍ପାଦନ ଉଦ୍ୟୋଗକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଗସ୍ତ କରିଛନ୍ତି। ୩୭୫ ଏକର ପରିବ୍ୟାପ୍ତ ଏହି ବୃହତ ଶିଳ୍ପ ୟୁନିଟ୍ ରେଳବାଇର ଆଧୁନିକୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି। ଗସ୍ତ ଅବସରରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଅଧୀନରେ ଘରୋଇ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ପ୍ରଦାନ କରାଯିବାରେ କେନ୍ଦ୍ର ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ ଆଲୋକପାତ କରିଛନ୍ତି। ଶିଳ୍ପ ୟୁନିଟ୍‌ର ଉତ୍ପାଦନ ପ୍ରକ୍ରିୟାଗୁଡ଼ିକୁ ମନ୍ତ୍ରୀ ଶ୍ରୀ ବୈଷ୍ଣବ ସମୀକ୍ଷା କରିବା ସହ କାର୍ଯ୍ୟରତ ଶ୍ରମିକଙ୍କ ସହିତ ଆଲୋଚନା କରିଛନ୍ତି।

# ଇଣ୍ଡିଆ-ଇଂଲଣ୍ଡ ଟି-୨୦

ଭାରତ–ଇଂଲଣ୍ଡ ପାଞ୍ଚ ମ୍ୟାଚ ବିଶିଷ୍ଟ ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଆଜି ଖେଳାଯାଉଛି। ସାଉଥ୍‌ହାମ୍ପଟନ୍‌ର ୟୁଟିଲିଟା ବାଓଲ୍ ଠାରେ ଖେଳାଯିବାକୁ ଏହି ମ୍ୟାଚ୍‌ରେ

ଟସ୍ ପଡ଼ିବାରେ ବିଳମ୍ବ ହୋଇଛି। ସନ୍ଧ୍ୟା ୭ଟା ପରିବର୍ତ୍ତେ ମ୍ୟାଚ୍ ସାଢ଼େ ୭ଟାରେ ଆରମ୍ଭ ହେବ।

ଏହି ସିରିଜ୍‌ରେ ପ୍ରଥମ ମ୍ୟାଚ୍‌ଟି ବାତିଲ ହୋଇଥିବା ବେଳେ ଅନ୍ୟ ତିନୋଟି ମ୍ୟାଚ୍‌ରେ ଇଂଲଣ୍ଡ ବିଜୟୀ ହୋଇ ୩-୦ରେ ଆଗୁଆ ରହିଛି।

## ଫିଫା ବିଶ୍ୱକପ୍-କ୍ୱାର୍ଟର ଫାଇନାଲ୍

ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ ଭାରତୀୟ ସମୟ ଆଜି ରାତି ସାଢ଼େ ୨ଟା ଏବଂ ଆସନ୍ତାକାଲି ସକାଳ ସାଢ଼େ ୬ଟାରେ ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ରାତି ସାଢ଼େ ୨ଟାରେ ମିଆମି ଷ୍ଟାଡିୟମ୍‌ଠାରେ ନରୱେ ଏବଂ ଇଂଲଣ୍ଡ ମଧ୍ୟରେ ତୃତୀୟ କ୍ୱାର୍ଟର ଫାଇନାଲ ଖେଳାଯିବ। ଆସନ୍ତାକାଲି ସକାଳ ସାଢ଼େ ୬ଟାରେ ଚତୁର୍ଥ କ୍ୱାର୍ଟର ଫାଇନାଲରେ ଆର୍ଜେଣ୍ଟିନା ଏବଂ ସୁଇଜରଲାଣ୍ଡ ପରସ୍ପରକୁ ଭେଟିବେ। ସ୍ପେନ୍ ଓ ଫ୍ରାନ୍ସ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇସାରିଛନ୍ତି।

## ଓ୍ୱିମେନ୍ସ କ୍ରିକେଟ୍ ଟେଷ୍ଟ

ଲଣ୍ଡନର ଲର୍ଡସ୍ କ୍ରିକେଟ୍ ପଡ଼ିଆଠାରେ ଭାରତ—ଇଂଲଣ୍ଡ ମହିଳା ଟେଷ୍ଟ ମ୍ୟାଚ୍ ଜାରି ରହିଛି। ଆଜିର ଦ୍ୱିତୀୟ ଦିବସରେ ଇଂଲଣ୍ଡ ତା'ର

ପ୍ରଥମ ଇନିଂସ ବ୍ୟାଟିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଇଂଲଣ୍ଡ ୮ ଓ୍ୱିକେଟ୍ ବିନିମୟରେ ୧୫୯ ରନ୍ ସଂଗ୍ରହ କରିଛି ।

ଟସ୍ ଜିତି ଭାରତ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମ ଇନିଂସରେ ଭାରତ ୨୮୫ ରନ୍ ସଂଗ୍ରହ କରିଛି ।